ଜନାର୍ଦନ ନରସିଂହ ନାୟକ

ବଲୱନ୍ତ ଭେଙ୍କଟେଶ କୁଲକର୍ଣ୍ଣି ଏବଂ ଅନ୍ୟଜଣେ

ମାର୍ଚ୍ଚ 7,2007

[ଡ. ଅରିଜିତ ପଶାୟତ ଏବଂ ଲୋକେଶ୍ୱର ସିଂ ପଣ୍ଟା, ନ୍ୟାୟମୂର୍ତ୍ତିଦ୍ୱୟ]

*ଭାରତୀୟ ଚୁକ୍ତି ଅଧିନିୟମ, 1872/ନିର୍ଦ୍ଦିଷ୍ଟ ନିଦାନ ଆଇନ, 1963:*

*ଉତ୍ତରଦାତା ସଂଖ୍ୟା 1 ଦ୍ୱାରା ବିନିର୍ଦ୍ଦିଷ୍ଟ ସମ୍ପାଦନ ପାଇଁ ଦାଖଲ କରାଯାଇଥିବା ମକଦ୍ଦମା – ବିଚାର କରୁଥିବା ନ୍ୟାୟାଳୟ ଦ୍ୱାରା ଫଏସଲା – ପ୍ରଥମ ପୁନର୍ବିଚାର କରୁଥିବା ନ୍ୟାୟାଳୟ ଦ୍ୱାରା ଖାରଜ ହୋଇଥିଲା – ଉଚ୍ଚ ନ୍ୟାୟାଳୟ ଦ୍ୱାରା ଦ୍ୱିତୀୟ ଅପିଲ ଅନୁମତି ଦିଆଯାଇଥିଲା – ଅପିଲରେ – ଦର୍ଶାଯାଇଛି : ପ୍ରଥମ ପୁନର୍ବିଚାର କରୁଥିବା ନ୍ୟାୟାଳୟଙ୍କ ଆଦେଶକୁ ରଦ୍ଦ କରିବା ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା କୌଣସି କାରଣ ସୂଚିତ କରାଯାଇ ନାହିଁ – ତେଣୁ, ମାମଲାକୁ ଗୁଣବତ୍ତା ଉପରେ ନୂତନ ଭାବରେ ସମାଧାନ କରିବା ପାଇଁ ଉଚ୍ଚ ନ୍ୟାୟାଳୟକୁ ପଠାଗଲା ମାମଲା – ଦେୱାନୀ ପ୍ରକ୍ରିୟା ସଂହିତା, 1908 - ରାୟ/ଆଦେଶ ।*

ଉତ୍ତରଦାତା ସଂଖ୍ୟା 1, ବାଦୀ ବିକ୍ରୟ ଚୁକ୍ତିର ବିନିର୍ଦ୍ଦିଷ୍ଟ ସମ୍ପାଦନ ପାଇଁ ଏକ ମକଦ୍ଦମା ଦାଖଲ କରିଥିଲେ । ବିଚାର କରୁଥିବା ନ୍ୟାୟାଳୟ ଦ୍ୱାରା ମକଦ୍ଦମା ଫଏସଲା ସହ ଡିକ୍ରି ହୋଇଥିଲା ଏବଂ ପ୍ରଥମ ପୁନର୍ବିଚାର କରୁଥିବା ନ୍ୟାୟାଳୟ ଦ୍ୱାରା ଅପିଲ ଖାରଜ କରାଯାଇଥିଲା ।ଦ୍ୱିତୀୟ ଅପିଲ ଉଚ୍ଚ ନ୍ୟାୟାଳୟ ମଞ୍ଜୁର କରିଥିଲେ । ତେଣୁ ବର୍ତ୍ତମାନର ଅପିଲ ।

ଅପିଲକାରୀ ଯୁକ୍ତି ବାଢ଼ିଥିଲେ ଯେ ଦ୍ୱିତୀୟ ଅପିଲରେ କୌଣସି ଆଧାର ଏବଂ କାରଣ ନଦର୍ଶାଇ ଉଚ୍ଚ ନ୍ୟାୟାଳୟ ଅନୁମତି ଦେଇଥିଲେ; ଏବଂ ପ୍ରଥମ ପୁନର୍ବିଚାର କରୁଥିବା ନ୍ୟାୟାଳୟର ସମ୍ପୂର୍ଣ୍ଣ ଆଭିମୁଖ୍ୟ ପ୍ରାକ ଅନୁମାନରେ ବ୍ୟର୍ଥ ହୋଇଥିଲା ଯେ ପକ୍ଷମାନଙ୍କ ମଧ୍ୟରେ ବିକ୍ରୟ ହେବା ପରେ ବିକ୍ରୟ ଚୁକ୍ତି କାର୍ଯ୍ୟକାରୀ ହୋଇପାରିବ ନାହିଁ ।

ଉତ୍ତରଦାତାମାନେ ଉପସ୍ଥାପନ କରିଥିଲେ ଯେ, ଯଦିଓ ଉଚ୍ଚ ନ୍ୟାୟାଳୟର ରାୟ ସପକ୍ଷରେ କୁହାଯାଇ ନଥିଲା, ତଥାପି ସାରାଂଶରେ ପ୍ରଥମ ଅପିଲ ନ୍ୟାୟାଳୟର ସିଦ୍ଧାନ୍ତ ଅସିଦ୍ଧ ବୋଲି ଉଚ୍ଚ ନ୍ୟାୟାଳୟ ପାଇଛନ୍ତି ।

ଅପିଲକୁ ଅନୁମତି ଦେଇ ଏହି ନ୍ୟାୟାଳୟ

**ଦର୍ଶାଯାଇଥିଲା: କେବଳ କାରଣ ବିଚାର କରୁଥିବା ନ୍ୟାୟାଳୟ ସାକ୍ଷୀଙ୍କୁ ଦେଖିଥିଲେ ତାହା ପ୍ରଥମ ପୁନର୍ବିଚାର କରୁଥିବା ନ୍ୟାୟାଳୟଙ୍କର ପୂର୍ବଧାରଣା ଥିଲା ବୋଲି ବିଚାର କରିବା ପାଇଁ ଏକ ଆଧାର ହୋଇପାରିବ ନାହିଁ । ସାକ୍ଷ୍ୟ ଏବଂ ସମ୍ପୃକ୍ତ ଆଭିମୁଖ୍ୟ ବିଶ୍ଳେଷଣ ନକରି ମଧ୍ୟ ପ୍ରଥମ ପୁନର୍ବିଚାର କରୁଥିବା ନ୍ୟାୟାଳୟର ଆଦେଶକୁ ରଦ୍ଦ କରିବା ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା କୌଣସି କାରଣ ଦର୍ଶାଯାଇ ନଥିଲା । ତେଣୁ, ଗୁଣବତ୍ତା ଆଧାରରେ ସାନି ପରିସମାପ୍ତି ପାଇଁ ଏହି ମାମଲାକୁ ଉଚ୍ଚ ନ୍ୟାୟାଳୟକୁ ପଠାଯାଇଛି ।**

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 5807/2000

ଆର୍.ଏସ୍.ଏ. ସଂଖ୍ୟା 733/1992ରେ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟ, ବାଙ୍ଗାଲୋରର 15.7.1998 ତାରିଖର ରାୟ ଏବଂ ଅନ୍ତିମ ଆଦେଶରୁ ।

ଅପିଲକାରୀ ପାଇଁ କିରଣ ସୁରୀ ଏବଂ ଏସ୍. ଜେ. ଅମିତ ।

ଉତ୍ତରଦାତାମାନଙ୍କ ପାଇଁ ବିଜୟ କୁମାର ।

ନ୍ୟାୟାଳୟର ରାୟ ପ୍ରଦାନ କରାଯାଇଥିଲା ।

**ଡ. ଅରିଜିତ ପଶାୟତ, ନ୍ୟାୟମୂର୍ତ୍ତି 1**.ଦେୱାନୀ ପ୍ରକ୍ରିୟା ସଂହିତା 1908(ସଂକ୍ଷେପରେ 'ସିପିସି')ର ଧାରା 100 ଅଧୀନରେ ଉତ୍ତରଦାତାଙ୍କ ଦ୍ୱାରା ଦାଖଲ ହୋଇଥିବା ଦ୍ୱିତୀୟ ଅପିଲକୁ ଅନୁମତି ଦେଇ, କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟର ଜଣେ ବିଜ୍ଞ ଏକକ ବିଚାରପତିଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ରାୟକୁ ଏହି ଅପିଲରେ ଆପତ୍ତି ହୋଇଛି ।

2. ଉତ୍ତରଦାତା ସଂଖ୍ୟା 1 ହେଉଛନ୍ତି ବାଦୀ ଏବଂ 31.1.1972 ତାରିଖର ବିକ୍ରୟ ଚୁକ୍ତିର ବିନିର୍ଦ୍ଦିଷ୍ଟ ସମ୍ପାଦନ ପାଇଁ ମକଦ୍ଦମା ଦାଖଲ କରିଥିଲେ । ମକଦ୍ଦମା ବିଚାର କରୁଥିବା ନ୍ୟାୟାଳୟ ଦ୍ୱାରା ଡିକ୍ରି ହୋଇଥିଲା ଏବଂ ପ୍ରଥମ ପୁନର୍ବିଚାର କରୁଥିବା ନ୍ୟାୟାଳୟ ଦ୍ୱାରା ଅପିଲ ଖାରଜ କରାଯାଇଥିଲା । ଦ୍ୱିତୀୟ ପ୍ରତିବାଦୀ-ଉତ୍ତରଦାତା ସଂଖ୍ୟା 2 ଏହି ଆଭିମୁଖ୍ୟ ଗ୍ରହଣ କରିଥିଲେ ଯେ ବିକ୍ରୟ ଚୁକ୍ତିନାମା ପରେ ସେ କ୍ରେତା ଥିଲେ, ଚୁକ୍ତିନାମା ବିଷୟରେ ତାଙ୍କର କୌଣସି ଜ୍ଞାନ ନଥିଲା ଏବଂ ବିକ୍ରୟ ବିଷୟରେ ତାଙ୍କର କୌଣସି ସୂଚନା ନଥିଲା ଏବଂ ସେ ପୂର୍ବ ବିକ୍ରୟ ଚୁକ୍ତିନାମା ଦ୍ୱାରା ଆବଦ୍ଧ ନୁହଁନ୍ତି । ବିଚାର କରୁଥିବା ନ୍ୟାୟାଳୟ ଦର୍ଶାଇଥିଲେ ଯେ, ପ୍ରତିବାଦୀ ସଂଖ୍ୟା 2 ଏହି ରାଜିନାମା ବିଷୟରେ ଅବଗତ ଥିଲେ । ପ୍ରଥମ ପୁନର୍ବିଚାର କରୁଥିବା ନ୍ୟାୟାଳୟ ଦର୍ଶାଇଥିଲେ ଯେ ତାଙ୍କର ଅସତ୍ୟ ଧାରଣା ଅଛି କିମ୍ବା ନୋଟିସ ଅଛି । ଦ୍ୱିତୀୟ ଅପିଲରେ ପ୍ରବେଶ ସମୟରେ ନିମ୍ନଲିଖିତ ଆଇନଗତ ପ୍ରଶ୍ନ ପ୍ରସ୍ତୁତ କରାଯାଇଥିଲା:

"ନିମ୍ନ ନ୍ୟାୟାଳୟ କେବଳ ସହକାରୀ ଆୟୁକ୍ତ ଆଦେଶ ଉପରେ ନିର୍ଭରଶୀଳ ଥିଲେ କି, ଯିଏ ଜମି ବିକ୍ରୟ ଅନୁମତିକୁ ପ୍ରତ୍ୟାଖ୍ୟାନ କରିଥିଲେ ଏବଂ ଏହିପରି ଆବେଦନକାରୀଙ୍କ ବିରୋଧରେ ସ୍ଥଗିତ ରଖିଥିଲେ ?

3. ଏହା ପରେ ନିମ୍ନଲିଖିତ ମନ୍ତବ୍ୟ/ସିଦ୍ଧାନ୍ତ ସହିତ ଦ୍ୱିତୀୟ ଅପିଲକୁ ଅନୁମତି ଦିଆଯାଇଥିଲା ।

"ଯେତେବେଳେ ବିଚାର କରୁଥିବା ନ୍ୟାୟାଳୟ କାଠଗଡାରେ ସାକ୍ଷୀଙ୍କୁ ଦେଖି ସାକ୍ଷ୍ୟର ସିଦ୍ଧାନ୍ତରେ ପହଞ୍ଚିଛନ୍ତି, ଆଚରଣକୁ ତର୍ଜମା କରିଛନ୍ତି, ବିଚାର କରୁଥିବା ନ୍ୟାୟାଳୟ ଦ୍ୱାରା ଉଠାଯାଇଥିବା ପ୍ରସଙ୍ଗଗୁଡ଼ିକୁ ବିଚାର ନକରି ପୁନର୍ବିଚାର କରୁଥିବା ନ୍ୟାୟାଳୟ ଆଇନଗତ ସ୍ଥିତି ଉପରେ ଆଲୋଚନା କରିଥିଲେ ଏବଂ ଏକ ଭିନ୍ନ ସିଦ୍ଧାନ୍ତରେ ପହଞ୍ଚିଥିଲେ ଯାହା ଏହି ଆଧାରରେ ରଦ୍ଦ କରିବାକୁ ମୋର କୌଣସି ଦ୍ୱିଧା ନାହିଁ ଯେ ସେଗୁଡ଼ିକ ମାମଲାର ତଥ୍ୟ ଦ୍ୱାରା ଆବଶ୍ୟକ ନୁହେଁ । ପୁନର୍ବିଚାର କରୁଥିବା ନ୍ୟାୟାଳୟର ସମ୍ପୂର୍ଣ୍ଣ ଆଭିମୁଖ୍ୟ ଏହି ପ୍ରାକଧାରଣା ଦ୍ୱାରା ଅସିଦ୍ଧ ହୋଇଛି ଯେ ପକ୍ଷମାନଙ୍କ ମଧ୍ୟରେ ଥରେ ବିକ୍ରୟ ହେବା ପରେ ବିକ୍ରୟ ଚୁକ୍ତି କାର୍ଯ୍ୟକାରୀ ହୋଇପାରିବ ନାହିଁ । ଏହି ମତ ନିଶ୍ଚିତ ଭାବରେ ଭୁଲ ଏବଂ ଏପରି ପୂର୍ବ-ବିଚାରିତ ଧାରଣା ଅନୁଯାୟୀ, ପୁନର୍ବିଚାର କରୁଥିବା ନ୍ୟାୟାଳୟଙ୍କ ଦ୍ୱାରା କରାଯାଇଥିବା ଆଭିମୁଖ୍ୟ ଯାହା ରାୟର ଭୁଲ ବିତରଣରେ ପରିଣତ ହୋଇଛି ।

4. ଅପିଲକାରୀଙ୍କ ବିଜ୍ଞ ଅଧିବକ୍ତା ଉପସ୍ଥାପନା କରିଥିଲେ ଯେ କୌଣସି ଆଧାର ଏବଂ କାରଣ ଦର୍ଶାଇ ନଦେଇ ଦ୍ୱିତୀୟ ଅପିଲକୁ ଅନୁମତି ଦିଆଯାଇଥିଲା । ଏହି ସିଦ୍ଧାନ୍ତଗୁଡ଼ିକ ମଧ୍ୟ କୌଣସି ଭିତ୍ତିହୀନ । ଏହା ଭୁଲ ଭାବରେ ଦର୍ଶାଯାଇଥିଲା ଯେ ପ୍ରଥମ ପୁନର୍ବିଚାର କରୁଥିବା ନ୍ୟାୟାଳୟର ସମ୍ପୂର୍ଣ୍ଣ ଆଭିମୁଖ୍ୟ ଏହି ପ୍ରାକଧାରଣା ଅସିଦ୍ଧ ହୋଇଥିଲା ଯେ ପକ୍ଷମାନଙ୍କ ମଧ୍ୟରେ ଥରେ ବିକ୍ରୟ ହେବା ପରେ ବିକ୍ରୟ ଚୁକ୍ତି କାର୍ଯ୍ୟକାରୀ ହୋଇପାରିବ ନାହିଁ । ପ୍ରଥମ ପୁନର୍ବିଚାର କରୁଥିବା ନ୍ୟାୟାଳୟ ଦ୍ୱାରା ଏପରି କୌଣସି ସିଦ୍ଧାନ୍ତ ନଥିଭୁକ୍ତ କରାଯାଇ ନାହିଁ ।

5. ଅନ୍ୟପକ୍ଷରେ ଉତ୍ତରଦାତାମାନଙ୍କ ପାଇଁ ବିଜ୍ଞ ଅଧିବକ୍ତା ଉପସ୍ଥାପନା କରିଥିଲେ ଯେ ଯଦିଓ ଉଚ୍ଚ ନ୍ୟାୟାଳୟର ରାୟ ସପକ୍ଷରେ ସଠିକ କାରଣ ପ୍ରଦାନ କରାଯାଇନଥିଲା, ତଥାପି ସାରାଂଶରେ ଉଚ୍ଚ ନ୍ୟାୟାଳୟ ପ୍ରଥମ ପୁନର୍ବିଚାର କରୁଥିବା ନ୍ୟାୟାଳୟର ସିଦ୍ଧାନ୍ତ ଅସିଦ୍ଧ ବୋଲି ଦର୍ଶାଇଛନ୍ତି ।

6. ଉପରୋକ୍ତ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶର ଅନୁଧ୍ୟାନରୁ ଜଣାପଡ଼େ ଯେ ବୁଦ୍ଧିର ସମ୍ପୂର୍ଣ୍ଣ ପ୍ରୟୋଗ ହୋଇନଥିଲା।ଉଚ୍ଚ ନ୍ୟାୟାଳୟ କାହିଁକି ଏହି ମତ ପୋଷଣ କଲେ ଯେ ପ୍ରଥମ ପୁନର୍ବିଚାର କରୁଥିବା ନ୍ୟାୟାଳୟର ଆଦେଶ ଏକ ପ୍ରାକଧାରଣା କାରଣରୁ ଥିଲା, ତାହାର କୌଣସି ବାସ୍ତବ କାରଣ ଦର୍ଶାଯାଇନାହିଁ । କେବଳ କାରଣ ବିଚାର କରୁଥିବା ନ୍ୟାୟାଳୟ ସାକ୍ଷୀଙ୍କୁ ଦେଖିବାର ସୁଯୋଗ ପାଇଥିଲେ ଯାହା ପ୍ରଥମ ପୁନର୍ବିଚାର କରୁଥିବା ନ୍ୟାୟାଳୟଙ୍କର ପୂର୍ବ-ଧାରଣା ଥିଲା ବୋଲି ବିଚାର କରିବା ପାଇଁ ଏକ

ଆଧାର ହୋଇପାରିବ ନାହିଁ । ସାକ୍ଷ୍ୟ ଏବଂ ସମ୍ପୃକ୍ତ ଆଭିମୁଖ୍ୟ ବିଶ୍ଳେଷଣ ନକରି ମଧ୍ୟ ପ୍ରଥମ ପୁନର୍ବିଚାର କରୁଥିବା ନ୍ୟାୟାଳୟର ଆଦେଶକୁ ରଦ୍ଦ କରିବା ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା କୌଣସି କାରଣ ଦର୍ଶାଯାଇ ନଥିଲା ।

7. ତେଣୁ ଆମେ ଉଚ୍ଚ ନ୍ୟାୟାଳୟର ଆଦେଶକୁ ରଦ୍ଦ କରୁଛୁ, ଗୁଣବତ୍ତା ଉପରେ ନୂତନ ସମାଧାନ ପାଇଁ ମାମଲାଟିକୁ ଉଚ୍ଚ ନ୍ୟାୟାଳୟକୁ ପଠାଇଛୁ । ଯେହେତୁ ଏହି ମାମଲା ଦୀର୍ଘ ଦିନ ଧରି ବିଚାରାଧୀନ ରହିଛି, ଆମେ ଉଚ୍ଚ ନ୍ୟାୟାଳୟଙ୍କୁ ଅନୁରୋଧ କରୁଛୁ ଯେ ଦ୍ୱିତୀୟ ଅପିଲ ଯଥାଶୀଘ୍ର ସମ୍ଭବ ଅଗଷ୍ଟ, 2007 ଶେଷ ସୁଦ୍ଧା ପରିସମାପ୍ତ କରନ୍ତୁ ।

8. ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ବିନା ଅପିଲ ଅନୁମତି ଦିଆଯାଇଛି ।

ଏସ୍.କେ.ଏସ୍. ଅପିଲକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦକ ସୌମ୍ୟରଞ୍ଜନ ବେହେରା, ଓଡ଼ିଶା ଉଚ୍ଚ ନ୍ୟାୟାଳୟ ।**